# Akashvani, Sambalpur

## SAMBALPURI NEWS BULLETIN

### 28 June 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ          ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଗଲାକାଏଲ୍ ନୂଆଦିଲ୍ଲୀ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିକରି ଆଲୋଚନା କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତି ଆଉ ଉପରାଷ୍ଟ୍ରପତିଙ୍କୁ ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରା ଦେଖିବାର୍‌କେ ଆଏବାର୍ ଲାଗି ଅନୁରୋଧ୍ କରିଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ରାଜ୍ୟ ମନ୍ତ୍ରୀମଣ୍ଡଳ୍‌ର ଶପଥ୍ ଗ୍ରହଣ୍ ସମାରୋହକେ ଆସିଥିବାର୍‌ନୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜନାବାର୍ ସଙ୍ଗେ ଆଏବା ଦିନେ ଓଡ଼ିଶା ଗସ୍ତ କର୍‌ବାର୍‌କେ ନିଉତା ଦେଇଛନ୍ । ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍, ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ଆଉ ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କୁ ଭେଟିକରି ଆଏବା ୨୦୩୬ ତକ୍ ବିକଶିତ୍ ଓଡ଼ିଶା ଗଢ଼୍‌ବାର୍ ରୋଡ୍‌ମେପ୍ ଉପ୍‌ରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନ୍‌କୁ ରଥ୍‌ଯାତ୍ରାର୍ ଲାଗି ଓଡ଼ିଶା ଆସ୍‌ବାର୍‌କେ ଭିଲ୍ ନିଉତା ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଜନ ଅଭିଯୋଗ୍ ଶୁଣାଣି ମୁଲ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ଜୁଲାଇ ୧ ତାରିଖ୍‌ନୁ ଫେର୍‌ଘାଏ ଜନ ଅଭିଯୋଗ୍ ଶୁଣାଣି ମୁଲ୍ ହେବା । ହପ୍ତାର୍ ଫି ସୋମ୍‌ବାର୍ ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ବିଭାଗ୍ ଆର୍ ବିଭାଗୀୟ ମୁଖ୍ୟମାନ୍‌କର୍ କାର୍ଯ୍ୟାଳୟଥି ଜନ ଅଭିଯୋଗ୍ ଶୁଣାଣି କରାଯିବା । ଜିଲ୍ଲାମାନ୍‌କୁ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ଫି ସୋମ୍‌ବାର୍ ଜନଅଭିଯୋଗ୍ ଶୁଣାଣି କର୍‌ବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍‌ଥି ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ପ୍ରମୁଖ ସଚିବ, ବିଭାଗୀୟ ମୁଖ୍ୟ, ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନ୍‌କୁ ଚିଠି ଲେଖାଯାଇଛେ । ଅଭିଯୋଗ୍ ଶୁଣାଣି ପ୍ରକ୍ରିୟାର୍ ଜନଶୁଣାଣି ପୋର୍ଟାଲ୍‌ଥି ରେକର୍ଡ଼ କର୍‌ବାର୍‌କେ ଚିଠିଥି କୁହାଯାଇଛେ ।

ରେଲ୍ ସେକ୍ସନ୍-ସମୀକ୍ଷା ସମ୍ବଲପୁର୍ ସମ୍ବାଦଦାତା

ପୂର୍ବତଟ ରେଲ୍‌ପଥର୍ ମହାପ୍ରବନ୍ଧକ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍‌ର ଥେରୁବାଲି - ଟିଟିଲାଗଡ୍ - ସମ୍ବଲପୁର ଆର୍ ସମ୍ବଲପୁର- ଝାର୍‌ସୁଗୁଡ଼ା ରୋଡ୍-ସମ୍ବଲପୁର୍

ସିଟି- ଜର୍ପଡ଼ା ରେଲ୍ ସେକ୍ସନ୍ର ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ଶ୍ରୀ ଫୁଙ୍କଓ୍ୱାଲ୍ ତାଙ୍କର୍ ୨ ଦିନିଆ ଗସ୍ତ ଅବ୍ସରେ ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼୍, ବଲାଙ୍ଗିର୍, ବର୍ପାଲି, ସମ୍ବଲ୍ପୁର୍, ଝାର୍ସୁଗୁଡ଼ା ରୋଡ଼୍, ରେଙ୍ଗାଲି, ସର୍ଲା ଆର୍ ଜର୍ପଡ଼ା ଷ୍ଟେସନ୍ ବୁଲି ଦେଖିଥିଲେ । ସର୍ଲା ନ ଆର୍.ଏ.ଏଚ୍. ସଙ୍ଗେ ସାମାନ୍ ନେବାର୍ ଆନ୍ବାର୍ ବ୍ୟବସ୍ଥାର୍ ତଦାରଖ୍ କରିଥିଲେ । ସେ ବୃନ୍ଦାମାଲ୍ ଆର୍ ଅମ୍ବାଦୋଲା ଷ୍ଟେସନ୍ ନ ବେଦାନ୍ତ କମ୍ପାନୀ ଆଉ ଲପଙ୍ଗା ଷ୍ଟେସନ୍ ନ ଭୂଷଣ୍ ପାଓ୍ୱାର୍ ଏଣ୍ଡ୍ ଷ୍ଟିଲ୍ ଆର୍ ଆଦିତ୍ୟ ଆଲୁମିନିୟମ୍ କମ୍ପାନୀର୍ ରେଲ୍ ସାଇଡିଂଥି ଟ୍ରାଫିକ୍ ସୁବିଧା କାମ୍ର ଭିଲ୍ ତଦାରଖ୍ କରିଥିଲେ ।

ଫୁଲିରି ତେଲ ଲାଗି        ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଅଣସର ଘରେ ଶ୍ରୀଜୀଉମାନ୍କର୍ ଠାନେ ଗଲକାଏଲ୍ ସଞ୍ଜ୍ବେଲେ ଫୁଲୁରିତେଲ ଲାଗି କରାଯାଇଛେ । ବଡ଼ଓଡ଼ିଆ ମଠ ତର୍ଫୁ ଯୁଗେଇ ଦିଆଯାଇଥିବା ଫୁଲୁରି ତେଲ ଲାଗିହେଲା ଉତ୍ରୁ ଶ୍ରୀଜୀଉମାନ୍କର୍ ଜର୍ ଛାଡ଼୍ସି ବଲି ବିଶ୍ୱାସ୍ ରହିଛେ । ଇ ଫୁଲୁରି ତେଲ ତିଆର୍ବାର୍କେ ବଛ୍ରେ ଲାଗିଥିସି ।

ଜିଲ୍ଲା ପରିଷଦ୍‌ର ସମୀକ୍ଷା ବୈଠକ          କଳାହାଣ୍ଡି ସମ୍ବାଦଦାତା

ଭବାନୀପାଟ୍‌ନା ନ ଥିବା ଜିଲ୍ଲା ପରିଷଦ୍ ସମ୍ମିଲନୀ ଗୃହ ନ କଳାହାଣ୍ଡି ଜିଲ୍ଲା ପରିଷଦ୍‌ର ସମୀକ୍ଷା ବୈଠକ୍ ଜିଲ୍ଲାପାଳ୍ ପି. ଅନ୍ୱେଷା ରେଡ୍ଡୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ଆଏବା ଜୁଲାଇ ୧ ନୁ ୭ ତାରିଖ୍‌ତକ୍ ଜିଲ୍ଲା ନ ମିଶନ୍ ଶକ୍ତି ମା ମାନ୍‌କର୍ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା ହେଇଥିଲା । ସେଥି ଜିଲ୍ଲାର୍ ୧୩ ଟା ଯାକ ବ୍ଲକ୍ ଆର୍ ଭବାନୀପାଟ୍‌ନା ମୁନ୍‌ସିପାଲ୍‌ଟି ଇଲାକା ନ ୨୦ ହଜାର୍ ୫ ଶହ ୪୧ ଟା ସ୍ୱୟଂ ସହାୟକ ଗୋଷ୍ଠୀର୍ ୨ ଲାଖ୍ ୧୯ ହଜାର୍ ୨ ଶହ ୧୭ ଝନ୍ ମା ମାନେ ୮ ଲାଖ୍ ୫୩ ହଜାର୍ ୧୩ ଟା ଚାରା ଲଗାବାର୍‌କେ ଲକ୍ଷ୍ୟ ଧାରିଜ୍ କରାଯାଇଛେ । ଇତାର୍‌ସଙ୍ଗେ ଭିନ୍ ଭିନ୍ ଯୋଜ୍‌ନାଥି ମିଳିଥିବା ଆର୍ଥିକ୍ ଅନୁଦାନ୍ ଆର୍ ବିନିଯୋଗ୍ ଉପ୍‌ରେ ଆଲୋଚନା ହେଇଥିଲା ।

ସମ୍ବଲପୁରୀ ବହି ହାଟ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁରର୍ କଲମ ପରିବାର୍ ଆର୍ ଚିପିଲିମାର୍ ଘଂଟି ସାହିତ୍ୟ ଅନୁଷ୍ଠାନ୍‌ର ମିଳିତ ଆୟୋଜନ୍‌ଥି ଆଏବାକାଏଲ୍ ଆର୍ ପର୍‌ଦିନ

୨ ଦିନ୍ ଧରିକରି ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଉପଯୋଗିତା କେନ୍ଦ୍ର ନ ସମ୍ବଲପୁରୀ ବହି ହାଟ୍ ଆୟୋଜିତ୍ ହେବା । ବହିହାଟ୍‌ଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ପ୍ରକାଶନୀ ସଂସ୍ଥା ସଙ୍ଗେ ସମ୍ବଲ୍‌ପୁର୍ ଜିଲ୍ଲା ରେଡ଼କ୍ରସ୍ ସୋସାଇଟି ଭାଗ୍ ନେବେ । ଇତାର୍‌ସଙ୍ଗେ ଭିନ୍ ଭିନ୍ ବିଷେ ଉପ୍‌ରେ ଆଲୋଚନାଚକ୍ର ଆୟୋଜିତ୍ ହେବା । ବିଶିଷ୍ଟ ସାହିତ୍ୟିକ ଜୟଦେବ୍ ଡନସନାଙ୍କୁ ଇ ବଛ୍‌ରର୍ କଲମ୍‌ଶ୍ରୀ ସମ୍ମାନ୍‌ଥି ସମ୍ମାନିତ୍ କରାଯିବା ବଲି ଆୟୋଜକ ଅନୁଷ୍ଠାନ୍ ତର୍‌ଫୁ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦିଆଯାଇଛେ ।

ଜଣ୍ଡିସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ସହର୍ ନ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ଶହେ ୩ କେ ପୁହୁଁଚିଥିବାର୍ ବେଲେ ଥିତି ଆଏତେ ରହିଛେ ବଲି ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ କହିଛନ୍ । ସେଆଡ଼େ ଆଶା ଆଉ ଅଙ୍ଗନବାଡ଼ି କର୍ମୀମାନେ ସହରର୍ ଭିନ୍ ଭିନ୍ ପଡ଼ାକେ ଯାଇକରି ଲୋକ୍‌ମାନ୍‌କୁ ସଚେତନ୍ କରୁଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଳୟର୍ ବଲେ ଆଏବା ୫ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲା ସହେତେ ରାଜ୍ୟର୍ ୧୬ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ।